

# ଗୌରୀ ଗାର୍ଡେନ ସୋସାଇଟି



ଗୃହ ପ୍ରବେଶ/ସ୍ଥାପିତ-୨୦୦୦
ଡୁପ୍ଲେକ୍ସ ସଂଖ୍ୟା- ୮୫
ପରିବାର ସଂଖ୍ୟା- ୧୦୦ରୁ ଊର୍ଦ୍ଧ୍ୱ
ଲୋକ ସଂଖ୍ୟା- ୪୦୦ରୁ ଊର୍ଦ୍ଧ୍ୱ
ସୋସାଇଟି- ଗୌରୀ ଗାର୍ଡେନ ଓନର୍ସ ୱେଲଫେୟାର ସୋସାଇଟି
ସଭାପତି- ନରସିଂହ ପ୍ରସାଦ ବହିଦାର
ଉପସଭାପତି- ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ
ସମ୍ପାଦକ- ପୂର୍ଣ୍ଣଚନ୍ଦ୍ର ଜେନା
ସହ ସମ୍ପାଦକ- ଦୀପକ କୁମାର ପରିଡା
କୋଷାଧ୍ୟକ୍ଷ- ଏମ.କେ. ଜେନା

ଭୁବନେଶ୍ୱରର କେଦାରଗୌରୀ ମନ୍ଦିର ନିକଟରେ ଥିବା ଗୌରୀ ନଗରରେ ରହିଛି 'ଗୌରୀ ଗାର୍ଡେନ' ସୋସାଇଟି। ଏଠାରେ ୮୫ଟି ଡୁପ୍ଲେକ୍ସ ରହିଛି। ଗୌରୀ ଗାର୍ଡେନକୁ ଲାଗି ଦକ୍ଷିଣରେ ମଙ୍ଗଳେଶ୍ୱର ମନ୍ଦିର ଓ ଉତ୍ତରରେ କିଛି ଦୂରରେ ରହିଛି କେଦାରଗୌରୀ ମନ୍ଦିର। ଆପାର୍ଟମେଣ୍ଟଟି ମନ୍ଦିର ନିକଟରେ ଥିବା ହେତୁ ଏଠାକାର ଭିନ୍ନ ପରିବେଶ ଲୋକଙ୍କୁ ବେଶ୍ ଆତ୍ମତୃପ୍ତି ଦେଇଥାଏ। ଆପାର୍ଟମେଣ୍ଟର ସ୍ୱତନ୍ତ୍ରତା ହେଉଛି ଏହାର ଗାର୍ଡେନ ବା ପାର୍କ, ଯାହାର ସୌନ୍ଦର୍ଯ୍ୟ ଅନ୍ତେବାସୀମାନଙ୍କୁ ଆମୋଦିତ କରିଥାଏ। ଏହି ପାର୍କ ପାଇଁ ଆପାର୍ଟମେଣ୍ଟର ନାମକରଣ 'ଗୋରୀ ଗାର୍ଡେନ' କରାଯାଇଛି। ଏହାଛଡ଼ା କମ୍ୟୁନିଟି ହଲ, ଲାଇବ୍ରେରି, ଜଗିଂ ଟ୍ରାକ୍ ରହିଛି। ଏଠାରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଭାଇଚାରା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଦେଖିବାକୁ ମିଳିଥାଏ।



## ଉତ୍ସବ ଓ ପର୍ବପର୍ବାଣି

ଗୌରୀ ଗାର୍ଡେନ ପାର୍କ ନିକଟରେ ଥିବା କମ୍ୟୁନିଟି ହଲ୍‌ରେ ପ୍ରତିବର୍ଷ ସୋସାଇଟିର ବାର୍ଷିକ ଉତ୍ସବ ପାଳନ କରାଯାଏ। ମହିଳାମାନେ ଏହାର ଦାୟିତ୍ୱ ନିଅନ୍ତି। ଏହା ଛଡ଼ା ସୋସାଇଟି ପ୍ରବେଶ ପଥରେ ଥିବା ଗଣେଶ ମନ୍ଦିରରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ପାଳନ କରାଯାଏ। ସେହିପରି ଅଗଷ୍ଟ ୧୫, ଜାନୁୟାରୀ ୨୬ରେ ପତାକା ଉତ୍ତୋଳନ ସହ ଦୁର୍ଗାପୂଜା, ଦୀପାବଳି, ହୋଲି, ପଣାସଂକ୍ରାନ୍ତି, ନୂଆ ବର୍ଷ ଆଦି ଉତ୍ସବ ଏବଂ ପର୍ବପର୍ବାଣିକୁ ଆପାର୍ଟମେଣ୍ଟ ବାସିନ୍ଦା ମିଳିମିଶି ପାଳନ କରନ୍ତି।



– ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର
ଫଟୋ: ମୌସମ ନନ୍ଦ

### ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ପ୍ରତିଯୋଗିତା ହୁଏ

ସୋସାଇଟିର ବାର୍ଷିକ ଉତ୍ସବକୁ ସବୁଠାରୁ ଧୁମ୍‌ଧାମରେ ପାଳନ କରାଯାଏ। ପିଲାମାନଙ୍କ ବୌଦ୍ଧିକ ବିକାଶ ଲାଗି ଚିତ୍ରାଙ୍କନ, ବକ୍ତୃତା, ନାଚଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ମହିଳାମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ ନାଚଗୀତ କାର୍ଯ୍ୟକ୍ରମ କରାଯାଏ, ଯାହା ସମସ୍ତଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ।

– ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ପାଦକ

### ସମସ୍ତେ ସ୍ୱାଧୀନ ଭାବେ ରହୁଛନ୍ତି



ଚେନ୍ନାଇ କେନ୍ଦ୍ରୀୟ କାର୍ଯ୍ୟାଳୟରୁ ଅବସର ନେବା ପରେ ଏଠାରେ ଆସି ରହିଲି। ଏଠାରେ ରହୁଥିବା ଲୋକଙ୍କର ନିଜସ୍ୱ ସ୍ୱାଧୀନତା ରହିଛି। ସୋସାଇଟିରେ ଏକ ଲାଇବ୍ରେରି ଥିବା ବେଳେ ୱାଲ୍ ମାଗାଜିନ ବ୍ୟବସ୍ଥା କରାଯାଇଛି। ଅନ୍ତେବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ଆର୍ଟିକିଲ ଓ ଛୋଟ ପିଲାଙ୍କ ଦ୍ୱାରା ତିଆରି ଚିତ୍ରକୁ ୱାଲ୍ ମାଗାଜିନରେ ସ୍ଥାନିତ କରାଯାଇଥାଏ। ସୋସାଇଟି ପରିଚାଳନା ପାଇଁ ଜଣେ ସୁପରଭାଇଜର ରହିଛନ୍ତି। ପାଣି ସମସ୍ୟା ସମାଧାନ ପାଇଁ ପ୍ଲମ୍ବର, ବର୍ଜ୍ୟବସ୍ତୁ ପରିଚାଳନା ଲାଗି ସୁଇପର ଓ ଗାର୍ଡେନର ରକ୍ଷଣାବେକ୍ଷଣ କରିବାକୁ ଜଣେ ବ୍ୟକ୍ତି ରହିଛନ୍ତି।

– ଏମ.କେ. ଜେନା, କୋଷାଧ୍ୟକ୍ଷ

### ସୁନ୍ଦର ପରିବେଶ ପ୍ରତ୍ୟହ ମନକୁ ଆହ୍ଲାଦିତ କରେ



୨୦୦୦ ମସିହାରେ ବିଲଡର ଡୁପ୍ଲେକ୍ସକୁ ଆମକୁ ହସ୍ତାନ୍ତର କରିଥିଲେ। ମୁଁ ସଭାପତି ଦାୟିତ୍ୱ ନେବା ପରେ ଯେପରି ସମସ୍ତ ସମସ୍ୟାକୁ ସମାଧାନ କରାଯିବ ସେ ନେଇ ଚେଷ୍ଟା କରୁଛି। ସମସ୍ତେ ଏକମନପ୍ରାଣ ହୋଇ ଚଳୁ। ତେବେ ୨ ବର୍ଷ ହେବ ଭୁବନେଶ୍ୱର-ପୁରୀ ମୁଖ୍ୟ ରାସ୍ତାରେ ଡ୍ରେନ କାର୍ଯ୍ୟକୁ ଠିକ ଭାବେ କରାଯାଇ ନ ଥିବାରୁ ଲିଙ୍ଗରାଜ ମନ୍ଦିର ଅଞ୍ଚଳରୁ ଏବଂ ବଶିଷ୍ଠ ନଗରର ସମସ୍ତ ପାଣି ସୋସାଇଟିର ଡ୍ରେନ ପଥ ଦେଇ ଭିତରକୁ ପ୍ରବେଶ କରୁଛି। ଗତ ବର୍ଷାରେ ସୋସାଇଟି ଭିତରେ ପାଣି ପଶିବାରୁ ଲକ୍ଷାଧିକ ଟଙ୍କାର ଫର୍ନିଚର ସମେତ କାର୍ ନଷ୍ଟ ହେଲା। ସମସ୍ୟା ନେଇ ବିଏମ୍‌ସି, ବିଡିଏ ଏବଂ ମନ୍ତ୍ରୀଙ୍କୁ ଜଣାଇଲେ ମଧ୍ୟ ତାହାର ସମାଧାନ ହେଉନି।

– ନରସିଂହ ପ୍ରସାଦ ବହିଦାର, ସଭାପତି

### ଫୁଡ୍ ଫେଷ୍ଟିଭାଲ କରୁ



ସୋସାଇଟିରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିଛି। ତେଣୁ ଏଠାରେ ନିରାପଦ ଅନୁଭବ କରୁ। ମର୍ନିଂ ୱାକ୍ ଏବଂ ଇଭିନିଂ ୱାକ୍ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ରାସ୍ତାରେ ଗାଡି ମୋଟର ଭୟ ରହିଥିବାରୁ ଏହା ମଧ୍ୟରେ ନିରାପଦରେ ବିଚରଣ କରିଥାଉ। ବିଭିନ୍ନ ପର୍ବପର୍ବାଣି ବ୍ୟତୀତ ଅନ୍ତେବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ନାନା ରକମର ଖାଦ୍ୟ ପ୍ରସ୍ତୁତ କରି ଫୁଡ୍ ଫେଷ୍ଟିଭାଲ ପାଳନ କରାଯାଇଥାଏ। ଏଠାରେ କାହା ଭିତରେ କଳି ଝଗଡା ମତାନ୍ତର ସୃଷ୍ଟି ହୁଏ ନାହିଁ। ସମସ୍ତେ ମିଳିମିଶି ଚଳନ୍ତି।

– ସୁଷମା ବହିଦାର, ଅନ୍ତେବାସୀ

### ଭାଇଚାରା ସମସ୍ତଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି



ଗୌରୀ ଗାର୍ଡେନରେ ରହିବାର ମଜା ସମ୍ପୂର୍ଣ୍ଣ ଭିନ୍ନ। ସମସ୍ତ ପର୍ବପର୍ବାଣି ଓ ବାର୍ଷିକ ଉତ୍ସବ ମିଳିମିଶି ପାଳନ କରୁ। ପରସ୍ପର ମଧ୍ୟରେ ରହିଥିବା ଭାଇଚାରା ସମସ୍ତଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି। ସମସ୍ତ ଅନ୍ତେବାସୀ ବହୁତ ମେଳାପୀ, ପରୋପକାରୀ ହୋଇଥିବାରୁ ଏଠାକାର ପରିବେଶ ଅତ୍ୟନ୍ତ ଉତ୍ତମ। ଏଠାରୁ ବିମାନବନ୍ଦର, ରେଳଷ୍ଟେଶନ ଏବଂ ହସ୍ପିଟାଲ ଅଳ୍ପ ଦୂରରେ ରହିଥିବାରୁ ଅନେକ ସୁବିଧା ହୋଇଥାଏ।

– ରବିନାରାୟଣ ନାୟକ, ଅନ୍ତେବାସୀ



# ଥିଏଟର ପ୍ରତି ଲୋକଙ୍କ ଚିନ୍ତାଧାରା ବଦଳାଇବା ଲକ୍ଷ୍ୟ

**ଧରିତ୍ରୀ ଆଳାପ**

**ମୁମ୍ବାଇରେ ଥିଏଟର ଜଗତର ଏକ ପରିଚିତ ନାମ ହେଲା ଅଭିଷେକ ପଟ୍ଟନାୟକ। ୨୮ବର୍ଷ ବୟସ୍କ ଏହି ଓଡ଼ିଆ ଯୁବକ ଗତ ୭ବର୍ଷ ହେବ ସେ ଇଂଲିଶ, ହିନ୍ଦୀ ଥିଏଟରରେ ଅଭିନୟ କରିବା ସହିତ କାହାଣୀ ରଚନା ଓ ନିର୍ଦ୍ଦେଶନା ମଧ ଦେଉଛନ୍ତି। ମୁମ୍ବାଇରେ 'ଆଉଟ୍ ଅଫ୍ ଦି ବକ୍ସ ପ୍ରଡକ୍ସନ' ନାମକ ନିଜର ଏକ ଥିଏଟର ପ୍ରଡ଼କ୍ସନ ମଧ କରିଛନ୍ତି। 'କାନ୍ ଆଇ ହେଲ୍ପ ୟୁ!', '୭୮୬', 'ଦି ଫ୍ରାଇଙ୍ଗ୍ ପ୍ୟାନ୍' ଭଳି ଅନେକ ଲୋକପ୍ରିୟ ନାଟକ କରିଛନ୍ତି। ତେବେ 'ଟୁ ଆଡରେବୁଲ ଲୁଜର୍ସ' ତାଙ୍କୁ ପ୍ରତିଷ୍ଠିତ କରିପାରିଛି। ବମ୍ବେ, ଦିଲ୍ଲୀ, କଲିକତା ସହର ସମେତ ରାଜସ୍ଥାନ, କେରଳ, ଓଡ଼ିଶା, ମଧପ୍ରଦେଶ, ବିହାର, ଆସାମ ଆଦି ରାଜ୍ୟରେ ନାଟକ ପରିବେଷଣ କରି ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। ଭବିଷ୍ୟତରେ ଥିଏଟରକୁ ନେଇ ଅନେକ ସ୍ୱପ୍ନ ରଖିଥିବା ଏହି ଅଭିଷେକଙ୍କ ବାପା ରଞ୍ଜିତ ପଟ୍ଟନାୟକ ଜଣେ ପ୍ରଫେସର ଓ ମା' ରଚିତା ପଟ୍ଟନାୟକ ଗୃହିଣୀ ଅଟନ୍ତି। ମୁମ୍ବାଇରେ ଜନ୍ମ ଓ ରହୁଥିଲେ ମଧ ଓଡ଼ିଆ ସଂସ୍କୃତି କେବେ ଭୁଲିପାରିନାହାନ୍ତି। ଡିସ୍‌ନି ଚ୍ୟାନେଲରେ ପ୍ରଦର୍ଶିତ 'ବେଷ୍ଟ ଅଫ୍ ଲକ୍ ନିକି' ଓ ଏପିକ୍ ଚ୍ୟାନେଲରେ 'ହମ୍ କିସି ସେ କମ୍ ନହିଁ ଶୋ' ପାଇଁ କାହାଣୀ ଲେଖିଥିବା ଅଭିଷେକଙ୍କ ସହ ଧରିତ୍ରୀ ଆଳାପ।**

**ଜଣେ ମ୍ୟାନେଜମେଣ୍ଟ ଛାତ୍ର ହୋଇ ଥିଏଟର ଲାଇନ୍‌କୁ କିପରି ଆସିଲେ?**

ପାଠ ପଢ଼ିବା ସମୟରେ ମୁଁ ଡ୍ରାମାରେ ବହୁତ ଅଭିନୟ କରୁଥିଲି। ବହୁତ ପ୍ରତିଯୋଗିତାରେ ଭାଗ ନେଉଥିଲି। ସେହି ସମୟରୁ ଡ୍ରାମା ପ୍ରତି ମୋର ଦୁର୍ବଳତା ଥିଲା। ମୁଁ ୯ଟାରୁ ୫ଟା ପର୍ଯ୍ୟନ୍ତ କୌଣସି ଚାକିରି କରିବା ପାଇଁ ଚାହୁଁ ନ ଥିଲି। ତେଣୁ ମୋ ସାଙ୍ଗମାନେ ମୋତେ ଥିଏଟର ଲାଇନ୍‌ରେ ଯିବାକୁ ଉତ୍ସାହିତ କରିଥିଲେ। ଗ୍ରାଜୁଏଶନ୍ ପରେ ମୁଁ ମୋର କାମ ଆରମ୍ଭ କରିଦେଲି।

**ଘର ଲୋକଙ୍କ ସପୋର୍ଟ କିପରି ମିଳିଥିଲା ?**

ପ୍ରାୟତଃ ପ୍ୟାରେଣ୍ଟସ ନିଜ ପିଲାଙ୍କୁ ତାଙ୍କ ଇଚ୍ଛା ମୁତାବକ ପାଠ ପଢ଼ାଇବା ସହିତ ଚାକିରି କରିବା ପାଇଁ କହିଥାନ୍ତି। କିନ୍ତୁ ମୋ ପ୍ୟାରେଣ୍ଟସ ସେଭଳି ନୁହନ୍ତି। ମୋ ବାପା ବହୁତ ସପୋର୍ଟିଭ୍। ମୁଁ ଯେତେବେଳେ ତାଙ୍କୁ ଯାଇ କହିଲି ଯେ ମୁଁ ଥିଏଟର ଆରମ୍ଭ କରିବି, ସେ ସଙ୍ଗେ ସଙ୍ଗେ ମୋ କଥାରେ ରାଜି ହୋଇଥିଲେ। ତାଙ୍କ ସପୋର୍ଟ ପାଇଁ ମୁଁ ଆଜି ଏହି ସ୍ଥାନରେ ପହଞ୍ଚିଛି।

**ଅଭିନୟ ସହିତ କାହାଣୀ ରଚନା ମଧ କରନ୍ତି। ଦୁଇଟି ଭିତରୁ କେଉଁ କାମଟି କରିବାକୁ ଅଧିକ ଭଲ ଲାଗେ?**

ଦୁଇଟି ଯାକ ଅଲଗା ଅଲଗା କାମ। କାହାଣୀ ରଚନା ପାଇଁ ବହୁତ ଗବେଷଣା କରିବାକୁ ପଡ଼ିଥାଏ। ଅଭିନୟ କଲାବେଳେ ଭିନ୍ନ ଭିନ୍ନ ଭୂମିକାରେ ଆମକୁ ନିଜକୁ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ଦୁଇଟି ଯାକ କାମ କରିବା ପାଇଁ ମୋତେ ଭଲଲାଗେ। ଦୁଇଟା ଭିତରୁ ମୁଁ ଗୋଟେ କେଉଁଟା ବାଛିପାରିବି ନାହିଁ।

**ନିଜ ପ୍ରଡକ୍ସନ୍ ହାଉସ୍‌ର ପ୍ରଥମ ନାଟକ 'ଲିଟଲ ଡିଡ୍ ଦେ ନୋ'ର କିଛି ଅନୁଭୂତି ସମ୍ପର୍କରେ କହିବେ ?**

୨୦୧୧ରେ ଏହି ନାଟକ ଲଞ୍ଚ୍ ହୋଇଥିଲା। ଯେହେତୁ ପ୍ରଥମ ଶୋ' ଥିଲା, ତେଣୁ ବହୁତ ମଜା ଲାଗିଥିଲା। ସେତେବେଳେ ମୁଁ ଛୋଟ ଥିଲି, ତେଣୁ ସେଥିରେ ଲେଖାଶୈଳୀଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କିଛିଟା ଅଭାବ ରହିଥିଲା। ତେଣୁ ସେଥିରୁ କିଛି ଶିଖିବାକୁ ମିଳିଥିଲା।

**ଏପର୍ଯ୍ୟନ୍ତ ଯେତୋଟି ନାଟକ କରିଛନ୍ତି ସେଥିମଧ୍ୟରୁ କେଉଁଟିରୁ ଆପଣଙ୍କୁ ଆତ୍ମସନ୍ତୋଷ ମିଳିଛି?**

'ଟୁ ଆଡରେବୁଲ ଲୁଜର୍ସ' ପାଇଁ ଆତ୍ମସନ୍ତୋଷ ମିଳିଛି। ଗତବର୍ଷ ଏହି ନାଟକଟି ମୁମ୍ବାଇରେ ଲଞ୍ଚ ହୋଇଥିଲା। ତା'ପୂର୍ବରୁ ମୁଁ ସବୁବେଳେ ମୁମ୍ବାଇରେ ହିଁ ନାଟକ ପରିବେଷଣ କରୁଥିଲି। ସେତେବେଳେ ମୁଁ ଚିନ୍ତା କରୁଥିଲି ଯେ, ମୁଁ ଅନ୍ୟ ସହରକୁ କାହିଁକି ଯାଉନାହିଁ। କିନ୍ତୁ 'ଟୁ ଆଡରେବୁଲ ଲୁଜର୍ସ' ନାଟକ ପାଇଁ ବହୁତ ପ୍ରଶଂସା ପାଇଥିଲି। ଏହି ନାଟକ ହିଁ ମୋ ସ୍ୱପ୍ନ ପୂରଣ କରିଥିଲା। ଭାରତର ବିଭିନ୍ନ ସହରରେ ବର୍ତ୍ତମାନ ସୁଦ୍ଧା ଏହି ନାଟକ ୭୯ଥର ପରିବେଷଣ ହୋଇସାରିଲାଣି। ଆଗକୁ ମଧ ଆହୁରି କେତେଟା ଜାଗାକୁ ଯିବାର ରହିଛି।

**କେଉଁ ପ୍ରଖ୍ୟାତ କଳାକାରଙ୍କ ସହ କାମ କରିବାର ସ୍ମୃତି ରହିଛି?**

ରାକେଶ ବେଦୀ, ଅନନ୍ତ ମହାଦେବନ୍‌ଙ୍କ ଭଳି ପ୍ରଖ୍ୟାତ ଆର୍ଟିଷ୍ଟଙ୍କ ସହିତ କାମ କରିଛି। ଥିଏଟର ଲାଇନ୍‌ରେ ସେମାନଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ତେଣୁ ତାଙ୍କ ପାଖରୁ ଅନେକ କଥା ଶିଖିଛି।

**ଥିଏଟର ଜଗତରେ କାହାକୁ ନିଜର ଆଦର୍ଶ ମନେକରନ୍ତି?**

ରବିନ ୱିଲିୟମ୍‌ସ ଓ ଜିମ୍ କ୍ୟାରିଙ୍କୁ ମୁଁ ମୋର ଆଦର୍ଶ ବୋଲି ମନେକରେ। ତେବେ ବଲିଉଡ୍‌ରେ ଛୋଟ ବେଳରୁ ଅମିର ଖାନ୍‌ଙ୍କ ଅଭିନୟକୁ ଦେଖି ଉତ୍ସାହିତ ହୋଇଛି।

**ଓଡ଼ିଆ ଲେଖକଙ୍କ ଷ୍ଟୋରିକୁ ନେଇ ନାଟକ କରିବାର ଯୋଜନା ରଖିଛନ୍ତି କି?**

କାହିଁକି ନୁହେଁ। ସୁଯୋଗ ମିଳିଲେ ନିଶ୍ଚିତ ଭାବେ କରିବି। କିନ୍ତୁ ବର୍ତ୍ତମାନ ନୁହେଁ। କାରଣ ଏବେ ସୁଦ୍ଧା ମୁଁ ମାତ୍ର ୭ଟି ନାଟକ ଲେଖିଛି। ନିଜକୁ ଆହୁରି ଉନ୍ନତି କରିବାର ଅଛି। ତେଣୁ ଆଉ ୨ରୁ ୩ବର୍ଷ ମୁଁ ମୋ ନିଜ ଲେଖା ଉପରେ କାମ କରିବା ପାଇଁ ଫୋକସ୍ କରିବି।

**ଓଡ଼ିଆ ଷ୍ଟୋରିକୁ ଅନ୍ୟ ଭାଷାରେ ଓଡ଼ିଶା ବାହାରେ ପରିବେଷଣ କରି ପ୍ରଚାର ପ୍ରସାର କରିବା ପାଇଁ ଚାହିଁବେ କି?**

ନିଶ୍ଚିତ ଭାବେ କରିବି। ଯଦିଓ ମୁଁ ମୁମ୍ବାଇରେ ରହୁଛି, କିନ୍ତୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ମୁଁ ଭୁଲିପାରିବି ନାହିଁ। ତେଣୁ ସେହିଭଳି ଭଲ ଷ୍ଟୋରି ମିଳିଲେ ମୁଁ ନିଶ୍ଚୟ କରିବି।

**ଅପ୍‌କମିଙ୍ଗ୍ ପ୍ରୋଜେକ୍ଟ କ'ଣ ରହିଛି?**

ବର୍ତ୍ତମାନ ମୋର ଅଷ୍ଟମ ନାଟକ ୨୦୧୯ ଜାନୁୟାରୀରେ ରିଲିଜ୍ ହେବାକୁ ଯାଉଛି। ତାହା ଏକ ଗୋଟେ ହିନ୍ଦୀ କମେଡ଼ି ନାଟକ। ସେଥିରେ ଅଭିନେତା ଦର୍ଶିଲ ସଫାରୀ ଅଭିନୟ କରିବେ। ତା'ର ବର୍ତ୍ତମାନ ଲେଖାଚାଲିଛି। ତିନିଜଣ ଭାଇଙ୍କ ଉପରେ ଏହି ନାଟକଟି ପର୍ଯ୍ୟବସିତ।

**ଫିଲ୍ମ ଇଣ୍ଡଷ୍ଟ୍ରିକୁ ଯିବା ପାଇଁ ଚିନ୍ତା କରିଛନ୍ତି କି?**

ହଁ, ଯିବା ପାଇଁ ଇଚ୍ଛା ଅଛି। ତେବେ ଜଣେ କଳାକାର ଭାବେ ନୁହେଁ ବରଂ ଜଣେ କାହାଣୀ ଲେଖକ ଭାବେ ଯିବା ପାଇଁ ଚାହିଁବି। ବର୍ତ୍ତମାନ ଥିଏଟର ଉପରେ ବହୁତ କାମ କରିବାର ଅଛି। ନିଜ ପ୍ରଡ଼କ୍ସନ ହାଉସ୍‌କୁ ଆହୁରି ଆଗକୁ ନେବା ଲକ୍ଷ୍ୟ ରଖିଛି।

**ଆଗକୁ ଥିଏଟରକୁ ନେଇ କ'ଣ ସ୍ୱପ୍ନ ରଖିଛନ୍ତି?**

ବାହାରେ ଥିଏଟରକୁ ନିଜର ସଂସ୍କୃତି କରିଛନ୍ତି। କିନ୍ତୁ ଆମର ଏଠି ଥିଏଟର ପ୍ରତି ଭିନ୍ନ ଦୃଷ୍ଟି ରହିଛି। ଫିଲ୍ମ ଯିବା ପାଇଁ ଥିଏଟର ଏକ ମାଧ୍ୟମ ବୋଲି ଲୋକେ ଭାବନ୍ତି। ଲୋକମାନଙ୍କ ମଧ୍ୟରେ ଥିବା ଏହି ଚିନ୍ତାଧାରାକୁ ବଦଳାଇବାର ଲକ୍ଷ୍ୟ ରହିଛି।

**ସମୟ ମିଳିଲେ କ'ଣ କରିବାକୁ ଭଲପାଆନ୍ତି ?**

ବହୁତ ସିନେମା ଦେଖେ। ଦିନକୁ ଯେମିତି ହେଲେ ମୋଟିଏ ସିନେମା ଦେଖିବା ପାଇଁ ଚେଷ୍ଟା କରେ। ଏହାଛଡ଼ା ଯେହେତୁ ଫୁଟବଲ ଓ କ୍ରିକେଟ ପ୍ରତି ଦୁର୍ବଳତା ରହିଛି, ତେଣୁ ସମୟ ମିଳିଲେ ଏହି ଖେଳ ଖେଳିଥାଏ।

**ଫିଟ୍ ରହିବା ପାଇଁ କ'ଣ କରନ୍ତି?**

ପ୍ରତିଦିନ ସକାଳେ ଜିମ୍ ଯାଇଥାଏ। ଦେଢ଼ଘଣ୍ଟା ସେଠାରେ ବିଭିନ୍ନ ପ୍ରକାରର ଏକ୍ସରସାଇଜ କରିଥାଏ। ଯେହେତୁ ମୁଁ ଫୁଡି। ତେଣୁ ଖାଦ୍ୟ ପ୍ରତି ନିଜକୁ କଣ୍ଟ୍ରୋଲ କରିପାରେନି। ସେଥିପାଇଁ ୱାର୍କଆଉଟ୍ ଅଧିକ କରିଥାଏ।

**– ସାକ୍ଷାତ୍‌: ଅସମାପିକା ସାହୁ**